**Form No. VIII**

**(See rule ,31(a),33 (1), 51(6)|**

**PUBLIC NOTICE (Objection)**

NO - 2700 . /Ex Dated - 25.09.23

Whereas, the State Government intend to grant Exclusive privilege of SIALJODA / IMFL Off Shop at the locality and within the local area mentioned below against each for the period of the grant till To 31St March, 2024 . Objections, If any, by any person residing within the said local area, are invited by 09.10.2023. The objections shall be addressed to the undersigned and shall reach him on or before the aforesaid date. Any objection received after the said date will not be taken into consideration.

Collector

| **Kind of Exclusive Privilege** | **SI.** | **Locality at which the privilege is to be exercised** | **E.P. Area** |
|---|---|---|---|
| **SIALJODA, IMFL Off Shop** | 1 | **Old Shop Address Details : Excise District - KEONJHAR, Site Address - MOUZA- Sanahundula , KHATA NO-101, PLOT NO-324, KEONJHAR, Land Details - KHATA NO-101, PLOT NO-324, MOUZA- Sanahundula, Pin - 758034 Proposed Shop Address for Shifting : Excise District - KEONJHAR, P.S. - SADAR, Road Name - N/A, Mouza - JAMUPOSHI, Site Address - KHATA NO-92/97, PLOT NO-529/708, MOUZA- JAMUPASI, Land Details - KHATA NO-92/97, PLOT NO-529/708, MOUZA- JAMUPASI, Pin - 758031** | **Whinin the Shop premises area.** |

Collector

Memo No. 2701 /Ex. Dated. 25.9.23

Copy forwarded to all concerned Officer-In-Charge Excise Station and Range Inspectors of Excise in this District with instructions to affix conspicuously one copy of the Notice in the locality in which the IMFL Off Shop is proposed to be opened. This apart, contents of the Public Notice should also be proclaimed by beat of drum or by such order manner as may he found convenient. In one copy of the Notice signature of the local residents should also be obtained and sent to this office at an early date in proof of wide publicity of the Notice. All other possible measures should also be taken for wide publicity of the Notice in the specified locality and local area. Two Xerox copies of the served copy of the Notice should also be submitted along with the original served copy for necessary action at this end.

Copy to all concerned Chairpersons, Panchayat Samities, N.A.C, municipality and municipal corporation (Through local Excise Officer) For information And necessary action. Copy To concerned Sarapanch(s) (Through local Excise officer) in the District for information and necessary action.

Copy along with the list of IMFL Off Shop shops proposed to be opened in the District forwarded To all the Sub-Collectors In the District/ Deputy Commissioner Of Excise/ Supdts. Of Police for information and necessary action.

Copy to Excise Commissioner/ Under Secretary Excise Department, Odisha, for information and necessary action.

Copy to the D.I.P.R.O., for information and necessary action.

Copy to Notice Board, District Excise Office/ Collectorate.

Copy to district website through NIC

COLLECTOR
KEONJHAR

## ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, କେନ୍ଦୁଝର

ସଂଖ୍ୟା ୨୭୦୨ / ଅ.ତା. ୨୬.୯.୨୩ //

ଫରମା ସଂଖ୍ୟା. ୮

(ରୁଲ, ୩୧(କ), ୩୩(୧), ୫୧(୫) ଅନୁଯାୟୀ)

**ଜନସାଧାରଣଙ୍କଠାରୁ ଅଭିଯୋଗ ପତ୍ର ପ୍ରାପ୍ତି ନିମନ୍ତେ ବିଜ୍ଞପ୍ତି**

ଯେହେତୁ, ଓଡିଶା ସରକାର ନିମ୍ନଲିଖିତ ସ୍ଥାନ ଓ ସ୍ଥାନୀୟ କ୍ଷେତ୍ର ଅଞ୍ଚଳରେ ଥିବା ଭାରତ ତିଆରି ଠିପି ବନ୍ଦ ବିଦେଶୀ ମଦ ଦୋକାନଟିକୁ ୨୦୨୩-୨୪ ଆର୍ଥିକ ବର୍ଷର ଅବଶିଷ୍ଟ ସମୟ ପାଇଁ ସ୍ଥାନାନ୍ତର କରିବା ନିମନ୍ତେ ପ୍ରସ୍ତାବ ରଖିଅଛନ୍ତି। ଯଦି, ଏହି ପ୍ରସ୍ତାବ ଉପରେ ସ୍ଥାନୀୟ ଅଞ୍ଚଳରେ ବସବାସ କରୁଥିବା କୌଣସି ଜନସାଧାରଣଙ୍କର କୌଣସି ଅଭିଯୋଗ ଥାଏ, ତାହେଲେ, ତା ୦୬.୧୦.୨୦୨୩ ରିଖ ସୁଦ୍ଧା ପ୍ରେରଣ କରିବା ନିମନ୍ତେ ଆମନ୍ତ୍ରଣ କରାଗଲା। ଏହି ଅଭିଯୋଗ ପତ୍ର ନିମ୍ନ ସ୍ୱାକ୍ଷରକାରୀଙ୍କ ଠିକଣାରେ ପ୍ରେରଣ କରିବେ ଓ ତାହା ଉପରଲିଖିତ ସମୟସୀମା ମଧ୍ୟରେ କିମ୍ବା ତା ପୂର୍ବରୁ ପହଞ୍ଚିବା ଆବଶ୍ୟକ ଅଟେ। ଉକ୍ତ ସମୟସୀମା ପରେ କୌଣସି ଅଭିଯୋଗ ପତ୍ର ପ୍ରାପ୍ତ ହେଲେ, ତାହା ବିଚାରକୁ ନିଆଯିବ ନାହିଁ ।

ଜିଲ୍ଲାପାଳ, କେନ୍ଦୁଝର

| ଖାସ ଦଖଲର ପ୍ରକାର | ଦୋକାନ ଖୋଲିବା ପାଇଁ ପ୍ରସ୍ତାବର ସ୍ଥାନ | ଖାସ ଦଖଲ ଅଥଳର ବିବରଣୀ |
|---|---|---|
| ଭାରତ ତିଆରି ଠିପି ବନ୍ଦ ବିଦେଶୀ ମଦଦୋକାନ (ସିଆଲଯୋଡା) | ସା-ଜାମୁପସି ଗ୍ରା.ପ- ପଳାଶପଙ୍ଗା, ଥାନା- ସଦର, ବ୍ଳକ- ସଦର, ଉପଖଣ୍ଡ- ସଦର କେନ୍ଦୁଝର, ମୌଜା- ଜାମୁପସି, ଖାତା ନମ୍ବର- ୯୭/୯୭, ପ୍ଲଟ ନମ୍ବର- ୫୨୯/୭୦୮, ଜିଲ୍ଲା- କେନ୍ଦୁଝର, ପିନ- ୭୫୮୦୩୧ (ସା- ସାନହୁଣ୍ଡଳା, ବ୍ଳକ- ଯୋଡା, ଥାନା- ଯୋଡା, ଉପଖଣ୍ଡ- ଚମ୍ପୁଆ, ଗ୍ରା.ପ- ଅଂଶେଇକଳା, ମୌଜା- ସାନହୁଣ୍ଡଳା, ଖାତା ନମ୍ବର- ୧୦୧, ପ୍ଲଟ ନମ୍ବର- ୩୨୪, ଜିଲ୍ଲା- କେନ୍ଦୁଝର, ପିନ- ୭୫୮୦୩୪ ରୁ ସ୍ଥାନାନ୍ତର ହେବାର ପ୍ରସ୍ତାବ ରହିଅଛି) | ଦୋକାନର ନିଜସ୍ୱ ଅବସ୍ଥିତି । |

ଜିଲ୍ଲାପାଳ, କେନ୍ଦୁଝର

ପରିପତ୍ର ସଂଖ୍ୟା। ୨୭୦୩ // ଅ. ତା. ୨୬ . ୯ . ୨୩

ଏହାର ଏକକିତା ନକଲ ଭାରପ୍ରାପ୍ତ ଅଧିକାରୀ, କେନ୍ଦୁଝର ଅବକାରୀ ଥାନା / ଅବକାରୀ ନିରୀକ୍ଷକ, ସଦର ରେଞ୍ଜ, କେନ୍ଦୁଝରଙ୍କ ନିକଟକୁ ପ୍ରେରଣ କରି ନିର୍ଦ୍ଦେଶ ଦିଆଯାଉଅଛି ଯେ ଏହାର ନକଲ ଦୋକାନ ଖୋଲାଯିବା ନିମନ୍ତେ ପ୍ରସ୍ତାବିତ ଥିବା ସମ୍ପୃକ୍ତ ଅଞ୍ଚଳରେ ସହଜ ଦୃଶ୍ୟମାନ ସ୍ଥାନରେ ଲଗାଇବେ । ଏହା ବ୍ୟତୀତ ଏହି ବିଜ୍ଞପ୍ତିକୁ ଡ୍ରମ ବାଦଣ କିମ୍ବା ଅନ୍ୟ ଯେ କୌଣସି ସୁବିଧା ଉପାୟରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଜାରି କରିବେ । ଏହାର ଗୋଟିଏ ନକଲରେ ସ୍ଥାନୀୟ ଜନସାଧାରଣଙ୍କର ଦସ୍ତଖତ ଆଣି ଅତ୍ର କାର୍ଯ୍ୟାଳୟକୁ ଯଥାଶୀଘ୍ର ବିଜ୍ଞପ୍ତିର ପ୍ରଚାର ହୋଇଥିବା ପ୍ରମାଣ ସ୍ୱରୂପ ପ୍ରେରଣ କରିବେ । ଏହା ବ୍ୟତୀତ, ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ପ୍ରଚାର ନିମନ୍ତେ ଯଥା ସମ୍ଭବ ପଦକ୍ଷେପ ଗ୍ରହଣ କରିବେ। ଜାରି ହୋଇଥିବା ମୂଳ ବିଜ୍ଞପ୍ତି ସହିତ ଏହାର ଦୁଇକିତା ଜେରକ୍ସ ନକଲ ଅତ୍ର କାର୍ଯ୍ୟାଳୟକୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରିବେ ।

ଏହାର ଏକକିତା ନକଲ ଜିଲ୍ଲାର ସମ୍ପୃକ୍ତ ଚେୟାରପର୍ସନ, ପଞ୍ଚାୟତ ସମିତି, ସରପଞ୍ଚ (ସ୍ଥାନୀୟ ଅବକାରୀ ଭରପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ) ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ଏହାର ଏକକିତା ନକଲ ଉପଜିଲ୍ଲାପାଳ, ସଦର, କେନ୍ଦୁଝର/ ଅତିରିକ୍ତ ଶାସନ ସଚିବ, ଅବକାରୀ ବିଭାଗ, ଓଡିଶା, ଭୁବନେଶ୍ୱର / ଅବକାରୀ କମିଶନର, ଓଡିଶା, କଟକ/ ଅବକାରୀ ଉପକମିଶନର (ଉତ୍ତରାଞ୍ଚଳ), ଓଡିଶା, ସମ୍ବଲପୁର / ଆରକ୍ଷୀ ଅଧିକ୍ଷକ, କେନ୍ଦୁଝରଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, କେନ୍ଦୁଝରଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ଏହାର ନକଲ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, କେନ୍ଦୁଝର/ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝରର ସୂଚନା ଫଳକରେ ପ୍ରଦର୍ଶନ ନିମନ୍ତେ ପ୍ରେରଣ କରାଗଲା।

ଜିଲ୍ଲାପାଳ, କେନ୍ଦୁଝର

# ଜିଲ୍ଲା ଅବକାରୀ କାର୍ଯ୍ୟାଳୟ କେନ୍ଦୁଝର

**ସଂଖ୍ୟା...୨୨୦୪...../ଅ. ତା...୨୬.୯.୨୩.........**

## ନୋଟିସ

ସଂପାଦକ,

ପଳାଶପଙ୍ଗା ଗ୍ରାମପଞ୍ଚାୟତ ।

( ଓଡିଶା ଅବକାରୀ ଆଇନ୍ ୨୦୦୮ , ଧାରା ୨୭ ଅନୁସାରେ ନୋଟିସ୍)

ଏତଦ୍ବାରା ସୂଚନା ଦିଆଯାଉଛି ଯେ ୨୦୨୩-୨୪ ଆର୍ଥିକ ବର୍ଷର ଅବଶିଷ୍ଟ ସମୟ ପାଇଁ କେନ୍ଦୁଝର ଜିଲ୍ଲାରେ ନିମ୍ନଲିଖିତ ସ୍ଥାନରେ ଥିବା ଭାରତ ତିଆରି ଠିପି ବନ୍ଦ ମଦ ଦୋକାନଟି ସ୍ଥାନାନ୍ତର କରିବା ପାଇଁ ସରକାରଙ୍କ ପ୍ରସ୍ତାବ ରହିଛି । ଏହାଦ୍ବାରା ଖାସ ଦଖଲ ଅଞ୍ଚଳର ବିବରଣୀ ନିମ୍ନରେ ଦିଆଯାଇଛି ।

ଓଡିଶା ଅବକାରୀ ଆଇନ୍ ୨୦୦୮ ର ଧାରା ୨୭ ଅନୁଯାୟୀ ଏହି ଦୋକାନଟିର ସ୍ଥାନନ୍ତରିକରଣ ନିମନ୍ତେ ସମ୍ପୃକ୍ତ ଗ୍ରାମ ଶାସନର ସହମତି କ୍ରମେ ଗ୍ରାମ ପଞ୍ଚାୟତର ଅନୁମୋଦନ ଆବଶ୍ୟକ । ତେଣୁ ଏହି ପ୍ରସ୍ତାବ ସମ୍ପର୍କରେ ଗ୍ରାମ ଶାସନ ତଥା ଗ୍ରାମପଞ୍ଚାୟତର ନିଷ୍ପତି ନୋଟିସ ପାଇବାର ୩୦ (ତିରିଶ) ଦିନ ମଧ୍ୟରେ ଜଣାଇବା ପାଇଁ ଆବଶ୍ୟକ ପଦକ୍ଷେପ ନିଅନ୍ତୁ । ଯଦି ଉକ୍ତ ସମୟସୀମା ମଧ୍ୟରେ ଗ୍ରାମ ପଞ୍ଚାୟତର ନିଷ୍ପତି ହସ୍ତଗତ ନ ହୁଏ, ତାହେଲେ ଆଇନ ଅନୁଯାୟୀ ପଞ୍ଚାୟତ, ପ୍ରସ୍ତାବଟିକୁ ଅନୁମୋଦନ କରିଛନ୍ତି ବୋଲି ଧରି ନିଆଯିବ ।

ଜିଲ୍ଲାପାଳ, କେନ୍ଦୁଝର

| ଦୋକାନର ପ୍ରକାର | ଦୋକାନ ଖୋଲିବା ପାଇଁ ପ୍ରସ୍ତାବର ସ୍ଥାନ | ଖାସ ଦଖଲ ଅଂଚଳର ବିବରଣୀ |
|---|---|---|
| ଭାରତ ତିଆରି ଠିପି ବନ୍ଦ ବିଦେଶୀ ମଦଦୋକାନ (ସିଆଲଯୋଡା) | ସା-ଜାମୁପସି ଗ୍ରା.ପ- ପଳାଶପଙ୍ଗା, ଥାନା- ସଦର, ବ୍ଲକ- ସଦର, ଉପଖଣ୍ଡ- ସଦର କେନ୍ଦୁଝର, ମୌଜା- ଜାମୁପସି, ଖାତା ନମ୍ବର- ୯୨/୯୭, ପ୍ଲଟ ନମ୍ବର- ୫୨୯/୭୦୮, ଜିଲ୍ଲା- କେନ୍ଦୁଝର, ପିନ- ୭୫୮୦୩୧ (ସା- ସାନହୁଣ୍ଡଳା, ବ୍ଲକ- ଯୋଡା, ଥାନା- ଯୋଡା, ଉପଖଣ୍ଡ- ଚମ୍ପୁଆ, ଗ୍ରା.ପ- ଅଂଶେଇକଳା, ମୌଜା- ସାନହୁଣ୍ଡଳା, ଖାତା ନମ୍ବର- ୧୦୧, ପ୍ଲଟ ନମ୍ବର- ୩୨୪, ଜିଲ୍ଲା- କେନ୍ଦୁଝର, ପିନ- ୭୫୮୦୩୪ ରୁ ସ୍ଥାନାନ୍ତର ହେବାର ପ୍ରସ୍ତାବ ରହିଅଛି) | ଦୋକାନର ନିଜସ୍ୱ ଅବସ୍ଥିତି । |

ଜିଲ୍ଲାପାଳ, କେନ୍ଦୁଝର

ପରିପତ୍ର ସଂଖ୍ୟା...୨୨୦୫.../ ଅ. ତା. ୨୬.୯.୨୩

ଏହାର ତିନିକିତା ନକଲ ଅବକାରୀ ଉପନିରୀକ୍ଷକ, କେନ୍ଦୁଝର ଅବକାରୀ ଥାନା ଙ୍କ ନିକଟକୁ ପ୍ରେରଣ କରି ନିର୍ଦ୍ଦେଶ ଦିଆଯାଉ ଅଛି ଯେ ଏହାର ଏକିକିତା ନକଲ ସମ୍ପୃକ୍ତ ଗ୍ରାମ ପଥାୟତକୁ ଜାରି କରି ତହିଁରେ ଏକିକିତା ଜାରି ହୋଇଥିବା ନକଲ ଅତ୍ର କାର୍ଯ୍ୟାଳୟକୁ ପ୍ରେରଣ କରିବେ । ତୃତୀୟ ନକଲଟି ତାଙ୍କର କାର୍ଯ୍ୟାଳୟ ନକଲ ଭାବରେ ନିଜ ପାଖରେ ରଖିବେ ।

ଏହାର ଏକକିତା ନକଲ ଅବକାରୀ ନିରୀକ୍ଷକ, ସଦର ରେଞ୍ଜଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, କେନ୍ଦୁଝର

ପରିପତ୍ର ସଂଖ୍ୟା...୨୨୦୬.../ ଅ. ତା. ୨୬.୯.୨୩

ଏହାର ଏକକିତା ନକଲ ଅବକାରୀ କମିଶନର, ଓଡିଶା, କଟକଙ୍କ ସଦୟ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ଏହାର ନକଲ ଅନୁଶାସନ ସଚିବ, ଅବକାରୀ ବିଭାଗ, ଭୁବନେଶ୍ୱରଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, କେନ୍ଦୁଝର